ଶନିବାର, ୧୪ ଫେବୃଆରୀ, ୨୦୨୬


# ପିଲାଙ୍କ ଧରିତ୍ରୀ



୬ କହିଲ ଦେଖି



୭ ଜଣା ଅଜଣା



ପ୍ରଚ୍ଛଦ ୩





# ଗପ
# ସାନୁର ଭକ୍ତି

ସେଦିନ ଥାଏ ମହାଶିବରାତ୍ରି। ସାନୁ ସକାଳୁ ଉଠି ଗାଧୋଇପାଧୋଇ ଗଲା ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିରକୁ। ସକାଳୁ ମନ୍ଦିର ଭିତର ଯେତିକି ଗହଳି ହୋଇଥାଏ ବାହାରେ ସେତିକି ଲୋକ ରୁଣ୍ଡ ହୋଇଥାନ୍ତି। କିଏ ଫୁଲ ବିକୁଥାଏ ତ କିଏ ଚନ୍ଦନ ଟିପା ମୁଣ୍ଡରେ ଲଗାଇ ଦେଉଥାଏ । ଆଉ କିଏ ବେଲପତ୍ର ଦେଉଥାଏ ପୁଣି କିଏ ଭିକ୍ଷାବୃତ୍ତି କରୁଥାଏ। ସାନୁ ମନେମନେ ଭାବିଲା ସବୁ କାମ ଚଳିବ କିନ୍ତୁ ଭିକ୍ଷାବୃତ୍ତିରେ ଛୋଟପିଲା, ମହିଳା ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ନିୟୋଜିତ ହେବା ଚଳିବ ନାହିଁ । ନିଜେ ତ ଛୋଟ ପିଲାଟିଏ, କଣ'ବା କରିପାରିବ ବୋଲି ଭାବି ମହାଦେବଙ୍କ ମନ୍ଦିରକୁ ଗଲା । ବେଲପତ୍ର, ଫୁଲ, ଚନ୍ଦନ, ଭୋଗ ଲାଗି କଲା ମହାଦେବଙ୍କୁ। କହିଲା ହେ ମହାଦେବ ଅସହାୟ ଛୋଟଶିଶୁ, ମହିଳା, ବୟସ୍କ ବ୍ୟକ୍ତିମାନେ ବସି ଆପଣଙ୍କ ଦୁଆରେ ଭିକ୍ଷା ବୃତ୍ତି କରୁଛନ୍ତି ଆପଣଙ୍କୁ କ'ଣ ଭଲ ଲାଗୁଛି ? ଏତିକି ବେଳେ ପୂଜାରୀ ଭୋଗଥାଳି ଧରି ଆସି ସାନୁ ହାତକୁ ବଢାଇଦେଲେ। ତା ସହିତ ତ୍ରିଶାଖା ବେଲପତ୍ର ଦେଇ କହିଲେ ଏ ବେଲପତ୍ର ତୋ ମନସ୍କାମନା ପୂରଣ କରିବ। ତ୍ରିଶାଖା ବେଲପତ୍ରକୁ ଧରି ସାନୁ କହିଲା ହେ ମହାଦେବ ମୋ ସାମ୍ନାରେ ଥିବା ତିନିଜଣ ଅସହାୟ ବ୍ୟକ୍ତିଙ୍କୁ ତୁମେ ସୁରକ୍ଷା ଦିଅ। ଏହା କହି ସାନୁ ବେଲପତ୍ରକୁ ମୁଣ୍ଡିଆ ମାରି ବେଢା ପରିକ୍ରମା କରିବାବେଳେ ଦେଖିଲା ତିନୋଟି ହେଲ୍ପଲାଇନ ନମ୍ବର ଲେଖାଯାଇଛି। ଶିଶୁଙ୍କ ସୁରକ୍ଷା ପାଇଁ, ମହିଳାଙ୍କ ନିମନ୍ତେ ଏବଂ ବୟୋଜ୍ୟେଷ୍ଠଙ୍କ ନିମନ୍ତେ ଅଲଗା ଅଲଗା ନମ୍ବର ଲେଖା ଯାଇଥିଲା। ବିଳମ୍ବ ନ କରି ସାନୁ ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ ଆଣି ସେହି ନମ୍ବରରେ ଫୋନ୍ କରିଦେଲା। ତା'ପରେ ସେହି ଭିକ୍ଷାବୃତ୍ତି କରୁଥିବା ମହିଳା, ବୟୋଜ୍ୟେଷ୍ଠ ଓ ଶିଶୁଟିକୁ ତ୍ରିଶାଖା ବେଲପତ୍ରରୁ ଗୋଟିଏ ଲେଖାଏ ବେଲପତ୍ର ଦେଲା ସାନୁ। ଏତିକିବେଳେ ଏହି ତିନିଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ଉଦ୍ଧାରକାରୀମାନେ ଆସି ପହଞ୍ଚିଗଲେ। ବୁଝାଶୁଝା କରି ସେମାନଙ୍କୁ ସାଥିରେ ନେଇଗଲେ। ସମସ୍ତଙ୍କୁ ଥଇଥାନ କେନ୍ଦ୍ରରେ ରଖାଗଲା। ସେଠାରେ ଖାଇବା ପିଇବା, ଧନ୍ଦାମୂଳକ ଶିକ୍ଷା, ମନୋରଞ୍ଜନ ଆଦି ସବୁ ବ୍ୟବସ୍ଥା ଥିଲା । ଭିକ୍ଷାବୃତ୍ତି କରୁଥିବା ଛୋଟ ପିଲାଟି ପାଠ ପଢିବା ସହିତ ଖେଳକୁଦ କଲା।

ତା'ପରେ ସେମାନଙ୍କ ପରିବାର ସହିତ ଆଲୋଚନା କରି ନୀତିନିୟମ ଅନୁସାରେ ଘରକୁ ପଠାଇ ଦିଆଗଲା। ସୁରକ୍ଷିତ ରହିବା ପାଇଁ ସବୁ ବନ୍ଦୋବସ୍ତ ମଧ କରାଇ ଦିଆଗଲା । ସାନୁର ଏପରି ପଦକ୍ଷେପ ପାଇଁ ସ୍ଥାନୀୟ ସରପଞ୍ଚ ସାନୁକୁ ଖୁବ୍ ପ୍ରଶଂସା କଲେ ଓ ଗାଁରେ ଏକ ସଭା କରି ପୁରସ୍କୃତ କଲେ। ତା ପରଠାରୁ ସାନୁର ଇଚ୍ଛା ଅନୁସାରେ ମନ୍ଦିର କାନ୍ଥରେ ସବୁଠାରେ ହେଲ୍ପଲାଇନ ନମ୍ବର ଲେଖାଗଲା। ସାନୁ ଭଳି ସବୁ ଭକ୍ତ ଈଶ୍ୱର ଭକ୍ତି ସହିତ ସମାଜ ସେବାକୁ ପ୍ରାଥମିକତା ଦେବା ଦରକାର ବୋଲି ସରପଞ୍ଚ କହିଲେ। ସାନୁ କହୁଥିଲା ସବୁ ସେଇ ମହାଦେବଙ୍କ ଇଚ୍ଛା ।

**– ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩



## ଖିଲି ଖିଲି ହସ

ଶିକ୍ଷକ: ପପୁ , ତୁମେ କାଇଁ ହୋମ ୱାର୍କ କରି ନ ?
ପପୁ: ସାର୍ ମୁଁ ବା ହଷ୍ଟେଲ୍‌ରେ ରହୁଛି, ହୋମୱାର୍କ କେମିତି କରିଥାନ୍ତି। ଏଥିପାଇଁ ହଷ୍ଟେଲ୍ ୱାର୍କ ଦେଇଥାନ୍ତେ ନା !

ଶିକ୍ଷକ: ରାଜୁ ତୁମେ କାଇଁ ଡେରିରେ ଆସିଲ ?
ରାଜୁ: ଗୋଟେ ବୋର୍ଡ ପାଇଁ
ଶିକ୍ଷକ: କେମିତିଆ ବୋର୍ଡ ପାଇଁ,
ରାଜୁ: ସେ ବୋର୍ଡରେ ଲେଖାଥିଲା ଆଗରେ ସ୍କୁଲ୍ ଅଛି, ଦୟାକରି ଧୀରେ ଚାଲ।

ସୀତା ଆଉ ଗୀତା ମଧ୍ୟରେ କଥାବାର୍ତ୍ତା
ସୀତା: କାଲି ଯେଉଁ ଭିକାରି ଆସିଥିଲା ସେ ବହୁତ କମିନା ଥିଲା।
ଗୀତା: କେମିତି ଜାଣିଲୁ
ସୀତା: କାଲି ମୁଁ ତାକୁ ଖାଇବାକୁ ଦେଲି, ଆଜି ସେ ମୋତେ ଗୋଟେ ବହି ଆଣି ଦେଇଛି।
ଗୀତା: କେଉଁ ବହି ଦେଇଛି ?
ସୀତା: ମୋତେ ସେ ଗୋଟେ ରେସିପି ବହି ଦେଇଛି।


# ସ୍କୁଲ୍ ପାଇଁ ଗୌରବ ଆଣିବି

ଭଲ ପାଠ ପଢ଼ିବା ସହ ଚିତ୍ରାଙ୍କନ, ବକ୍ତୃତା ଓ ଅଭିନୟରେ ରୁଚି ରଖନ୍ତି ସେ। ଇତିମଧ୍ୟରେ ଏକାଧିକ ସ୍ଥାନରେ ଆୟୋଜିତ ବକ୍ତୃତା, ଫ୍ୟାନ୍ସିଡ୍ରେସ୍, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ଅନେକ ପୁରସ୍କାର ଲାଭ କରିଛନ୍ତି। ସେ ହେଉଛନ୍ତି ଭୁବନେଶ୍ୱରର ନୂଆଗାଁ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ଶ୍ରେଣୀ ଛାତ୍ରୀ ଦେବସ୍ମିତା ଦାସ। ମାଆ ସସ୍ମିତା ପାଢ଼ୀ, ବାପା କୃଷ୍ଣଚନ୍ଦ୍ର ଦାସ କୁହନ୍ତି, 'ମାତ୍ର ୪ ବର୍ଷ ବୟସରେ ସେ ଘରେ ଲାଗିଥିବା ଏକ ରାଧାକୃଷ୍ଣ ଫଟୋ ଦେଖି ତାକୁ ଖୁବ୍ ସୁନ୍ଦର ଭାବେ ଆଙ୍କି ରଙ୍ଗ କରିଥିଲା। ଯାହାକୁ ଦେଖି ପରିବାରର ସବୁ ସଦସ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲୁ। ସେବେଠୁ ସେ ଚିତ୍ର ଆଙ୍କିଆସୁଛି ଏବଂ ସ୍କୁଲ୍‌ରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଆୟୋଜିତ ପ୍ରତିଯୋଗିତାରେ ପୁରସ୍କୃତ ହେଉଛି। ତେଣୁ ଏବେ ଆମେ ତାକୁ ଚିତ୍ରାଙ୍କନ ଶିଖାଇବାକୁ ପଠାଉଛୁ। ଚିତ୍ରାଙ୍କନ ସହିତ ପାଠ ପଢାରେ ସେ କିପରି ଭବିଷ୍ୟତରେ ବହୁତ ଭଲ କରିବ ସେଥିପାଇଁ ସମସ୍ତ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବୁ।' ବର୍ତ୍ତମାନ ସୁଦ୍ଧା ସେ ୨୦୨୨ରେ ଆୟୋଜିତ ଏକ ଜିଲା ସ୍ତରୀୟ ପ୍ରଶ୍ନ ମଞ୍ଚରେ ଦ୍ୱିତୀୟ ସ୍ଥାନ, ୨୦୨୩ରେ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ, ୨୦୨୩ରେ ଏକ ପ୍ରତିଷ୍ଠିତ ଖବରକାଗଜ ଦ୍ୱାରା ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ତୃତୀୟ ସ୍ଥାନ, ୨୦୨୪ ଶିଶୁ ଦିବସ ଅବସରରେ ଆୟୋଜିତ ଫ୍ୟାନ୍ସିଡ୍ରେସ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ, ୨୦୨୪ରେ ଶିଶୁ ପ୍ରତିଭା ସମାରୋହରେ ପ୍ରଥମ ସ୍ଥାନ, ୨୦୨୪ରେ ଶତସଙ୍କେତ ଶିଶୁ ବାଗ୍ମୀ ପୁରସ୍କାର, ୨୦୨୪ରେ ଉତ୍କଳ ଜ୍ୟୋତି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଦେବସ୍ମିତା ୨୦୨୬ ବର୍ଷ ସରକାରୀ ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବା ସ୍କୁଲ ପାଇଁ ଖୁବ୍ ଖୁସିର କଥା ବୋଲି ଗର୍ବର ସହ କହିଛନ୍ତି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶୈବାଳିନୀ ପରିଡ଼ା। ଭଲ ପାଠ ପଢି ଭବିଷ୍ୟତରେ ଆଇଏଏସ୍ ଅଫିସର ହୋଇ ସ୍କୁଲ୍ ପାଇଁ ଗୌରବ ଆଣିଦେବାକୁ ଲକ୍ଷ୍ୟ ରଖିଥିବା ଦେବସ୍ମିତା ନିଜ ସଫଳତାର ଶ୍ରେୟ ଅଭିଭାବକ, ଗୁରୁମା, ଗୁରୁଜୀ ଓ ସମସ୍ତ ଗୁରୁଜନମାନଙ୍କୁ ଦେଇଛନ୍ତି।



ଶିଶୁ ପ୍ରତିଭା

## ରଙ୍ଗ ଦିଅ



## ମତାମତ

❖ ଜଣା ଅଜଣାରେ ପ୍ରକାଶିତ ପାଣି ଜାହାଜର ବେଗ ଏବଂ ସାପ୍ତାହିକ ଛୁଟି କେଉଁ ଦେଶରେ କେମିତି ସେ ବିଷୟରେ ଜାଣିପାରିଲି।

**–ବିଶ୍ୱାସ ରଞ୍ଜନ ସ୍ୱାଇଁ, କେନ୍ଦ୍ରାପଡ଼ା**

❖ କବିତାରେ ପ୍ରକାଶିତ ମନ ଲଗାଇ ପଢ଼ିବି ପାଠ, ଶୀତଯାଏ ଫେରି ଏବଂ ଟିକି ଚଢ଼େଇ ପଢ଼ିବାକୁ ଭଲ ଲାଗିଲା।

**–ମାନସୀ ସାହୁ, ଉତ୍ତରକୂଳ, ଜଗତ୍‌ସିଂହପୁର**

❖ ଜ୍ଞାନର ଗନ୍ତାଘର– ଖବରକାଗଜ ବିଷୟଟି ପଢ଼ିଲି ଏଥିରୁ କିଛି କଥା ଜାଣିବାକୁ ପାଇଲି।

**–ରମାକାନ୍ତ ନାଥ, ବାଲେଶ୍ୱର**

ଫିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Adyasha Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଲାଜକୁଳା ସ୍ୱଭାବ

**ପିଲା ଯଦି ଆବଶ୍ୟକତା ଠାରୁ ଅଧିକ ଲାଜକୁଳା ସ୍ୱଭାବର ହୋଇଥାନ୍ତି ତେବେ ସେଭଳି ମାନସିକତାରୁ ପ୍ରଥମେ ମୁକୁଳିବା ଦରକାର। ଏଥିପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ସହଜରେ ଏହି ସ୍ୱଭାବ ବଦଳାଇ ପାରିବେ...**



କେତେକ ପିଲାଙ୍କ ସ୍ୱଭାବ ଟିକେ ଲାଜକୁଳା। ଅନ୍ୟମାନଙ୍କ ସହ କଥା ହେବା ବେଳେ ସେମାନେ ମନଖୋଲି କଥା ହୋଇପାରନ୍ତି ନାହିଁ। ଏପରି କି ନିଜ ମନ ଭିତରେ ଥିବା କଥାକୁ ସେମାନେ ପରିପ୍ରକାଶ କରିବାକୁ ଚାହିଁ ନ ଥାନ୍ତି। ହେଲେ ମନରେ ହୁଏତ ଅନେକ କିଛି କ୍ରିଏଟିଭ୍ ଚିନ୍ତାଧାରା ଲୁଚି ରହିଥାଇପାରେ। ସ୍ୱଭାବ ଯଦି ଲାଜକୁଳା ରହିଲା ତେବେ ତାହାର ପ୍ରଭାବ ଜୀବନଶୈଳୀ ଉପରେ ପଡିବାର ମଧ୍ୟ ଆଶଙ୍କା ରହିଛି। ଯଦି ପିଲାମାନେ ଏଭଳି ଅଭ୍ୟାସ ସହ ଜଡିତ ତେବେ ମନରୁ ଏଭଳି ଭାବନାକୁ ଦୂର କରିବାର କେତେକ ସହଜ ତଥା ସରଳ ଉପାୟ ରହିଛି। ପିଲାମାନେ ଏହାକୁ ଅନୁସରଣ କରିପାରନ୍ତି।

- ଆଜିକାଲିର ଡିଜିଟାଲ ଲାଇଫ୍‌ରେ ପିଲାମାନେ ଏକୁଟିଆ ରହିଯାଉଛନ୍ତି। ନୂଆ ଲୋକଙ୍କ ସହ କଥା ହେବାରେ ତାଙ୍କୁ ଲାଜ ଲାଗିଥାଏ କିମ୍ବା ସଙ୍କୋଚ ବୋଧ କରିଥାନ୍ତି। ଏହି ସମସ୍ୟାରୁ ବାହାରିବା ପାଇଁ ହେଲେ ଅଧିକ ବନ୍ଧୁ କରିବାକୁ ହେବ। ସାଙ୍ଗ କରିବା ଏକ କଳା ଯାହାକୁ ପିଲାମାନେ ଶିଖିବା ନିହାତି ଦରକାର।
- ବେଳେବେଳେ ପିଲାମାନେ ଏହା ଭାବିଥାନ୍ତି ଯେ ସାମ୍ନାରେ ଥିବା ବ୍ୟକ୍ତି କ'ଣ ଭାବିବ। ଯଦି ତୁମେ କାହା ସହ ଭେଟ ହେଉଛ ତେବେ ତାଙ୍କୁ ହାଲୋ କୁହ। ଯଦି କିଛି ପିଲା ଏକାଠି ଖେଳୁଛନ୍ତି ତେବେ ତାଙ୍କୁ ପଚାରିପାର ମୁଁ ବି ତୁମ ସହ ଖେଳିପାରେ କି? ଏହି ସବୁ କଥା ଯାଦୁ ପରି କାମ କରିଥାଏ। ଯେମିତିକି ପାର୍କରେ ଯଦି କୌଣସି ପିଲା ଦୋଳିରେ ଝୁଲୁଛି ତେବେ ତାକୁ କୁହ କିଛି ସମୟ ତୁମେ ଝୁଲିବ ତା'ପରେ ମୁଁ ଝୁଲିବି। ସାଙ୍ଗ ହେବାର ଏହା ଛୋଟ ପ୍ରୟାସ।
- ତୁମେ ଯଦି କୌଣସି ଜିନିଷରେ ଖେଳୁଛ କିମ୍ବା ଖାଉଛ ତେବେ ଅନ୍ୟ ସହ ଶେୟାରିଂ କରିବା ଆବଶ୍ୟକ। ଏହାଦ୍ୱାରା ତୁମ ମଧ୍ୟରେ ଭଲପାଇବା ବଢ଼ିଥାଏ। ଶେୟାର କରୁଥିବା ପିଲାମାନଙ୍କର ସାଙ୍ଗ ବହୁତ ଥାନ୍ତି।
- ଯଦି ଜଣେ ସାଙ୍ଗ ତା କଥା କିଛି କହୁଛି ତେବେ ତାଙ୍କ କଥା ପ୍ରଥମେ ଶୁଣନ୍ତୁ। ଯେତେବେଳେ ଜଣେ ପିଲା ତା ନୂଆ ସାଇକେଲ ବିଷୟରେ କହୁଚି, ତେବେ ତୁମେ ବି ପଚାରିପାରିବ ଆରେ ବାଃ ଏହାର ରଙ୍ଗ କେତେ ସୁନ୍ଦର, ତୁ ଏହାକୁ କେଉଁଠୁ କିଣିଲୁ! ଯେତେବେଳେ ତୁମେ ଅନ୍ୟର କଥାକୁ ଧ୍ୟାନ ଦେବ ତେବେ ତୁମକୁ ଅନ୍ୟମାନେ ସେହି ଅନୁଯାୟୀ ଗୁରୁତ୍ୱ ଦେବେ।
- ପ୍ରଂଶସା ଏପରି ଏକ କଳା ତୁମର ବହୁତ କାମରେ ଆସିଥାଏ। ପିଲାମାନେ ସାଙ୍ଗମାନଙ୍କ ସହ ମିଶୁଥିବା ସମୟରେ ଅନ୍ୟମାନଙ୍କର କେଉଁଗୁଣ ଭଲ ତାହା ଲକ୍ଷ୍ୟ କର। କେତେକ ପିଲାଙ୍କର ହସ୍ତାକ୍ଷର ଭଲ। ତେଣୁ ସେଭଳି ହସ୍ତାକ୍ଷର ଲେଖିବାକୁ ଚେଷ୍ଟା କର। ଅନ୍ୟମାନଙ୍କର ଖେଳକୁଦ ଯଦି ତୁମକୁ ଆକର୍ଷିତ କରୁଛି ତେବେ ତାହା ସହ ନିଜକୁ ସାମିଲ କର। ଏହାଦ୍ୱାରା ମନରୁ ଲାଜକୁଳା ସ୍ୱଭାବ କେତେକାଂଶରେ ଦୂର ହେବ। କେବଳ ସେତିକି ନୁହେଁ, ଏହାଦ୍ୱାରା ମଧ୍ୟ ଅନ୍ୟମାନଙ୍କ ସହ ତୁମର ବନ୍ଧୁତା ବଢ଼ିବ।
- ପିଲାଟିଏ ଯଦି ଅଧିକ ସମୟ ଏକୁଟିଆ ରହିଲା ତେବେ ସେ ଲାଜକୁଳା ହେବାର ଆଶଙ୍କା ରହିଛି। ତେଣୁ ସେମାନେ ପରିବାର ସଦସ୍ୟଙ୍କ ସହ ଖୁସିରେ ସମୟ କାଟିବାକୁ ଚେଷ୍ଟା କରିବା ଦରକାର। ଏହାଦ୍ୱାରା ଲାଜକୁଳା ସ୍ୱଭାବ କିଛି ଦିନ ପରେ ବଦଳିଯିବ ଓ ଅନ୍ୟମାନଙ୍କ ସହିତ ମିଶିବାରେ କୌଣସି ଅସୁବିଧା ହେବନି।
- ଭୁଲ୍ କଲେ କ୍ଷମା ମାଗିବା ଏକ ଭଲ ଅଭ୍ୟାସ। ଖେଳ ଖେଳରେ ଝଗଡା ହେବା ସାଧାରଣ କଥା। ଯେଉଁ ପିଲା ନିଜ ଭୁଲ୍ ବୁଝି ପାରି କ୍ଷମା ମାଗିନିଏ , ତା'ର ସାଙ୍ଗ ମାନଙ୍କ ସହିତ ବନ୍ଧୁତା ବହୁତ ଦିନ ପର୍ଯ୍ୟନ୍ତ ତିଷ୍ଠି ରୁହେ ଏବଂ ମନରୁ ଲାଜକୁଳା ସ୍ୱଭାବ ମଧ୍ୟ ଦୂର ହୁଏ।
- ଟିମ୍ ୱାର୍କର ମହତ୍ୱ ପିଲାମାନେ ବୁଝିବା ଦରକାର। ଏହାଦ୍ୱାରା ମନରୁ ଲାଜ ଦୂର ହେବ ଏବଂ ଏକାଠି ହେଉ ବା ନିଜେ କିଛି କାମ କରିବାକୁ ମନରେ ଆଗ୍ରହ ସୃଷ୍ଟି ହେବ। ପିଲାମାନେ ଯଦି ଖେଳୁଛନ୍ତି ତେବେ ତୁମେ ଲାଜ ଛାଡି ସେମାନଙ୍କ ସହ ସାମିଲ ହୁଅ। ଦେଖିବ ଏହାଦ୍ୱାରା ତୁମ ମନ ପ୍ରଫୁଲ୍ଲ ରହିବ ଏବଂ ପାଠପଢ଼ା ବ୍ୟତୀତ ଆହୁରି ଭଲ କାମକୁ ତୁମେମାନେ ଠିକ୍ ଭାବରେ କରିପାରିବ।
- କେତେକ ଲାଜକୁଳା ପିଲା ଚାପର ବଶବର୍ତ୍ତୀ ହୋଇ କିଛି କହିବା ଓ କରିବାକୁ ଭୟ କରନ୍ତି। ମାତ୍ର ଏପରି ଭାବନାକୁ ମନରୁ କାଢ଼ି ଦିଅନ୍ତୁ। ଏମିତିକି କାମ ଆରମ୍ଭ କଲେ ଭୁଲ୍ ବି ହୋଇପାରେ, କିନ୍ତୁ ସୁଧାରିବାର ସୁଯୋଗ ବି ପାଇପାରିବେ। ତେଣୁ ଆତ୍ମବିଶ୍ୱାସକୁ ଦୃଢ଼ କରି ସବୁ କାମ କରନ୍ତୁ।





## ଏମାନେ କ'ଣ କରନ୍ତି

### ବନ୍ଧୁତା ବଢ଼ିବା ଦ୍ୱାରା ଲାଜ ଛାଡିଲା



ପିଲାଦିନେ ଲାଜକୁଳା ସ୍ୱଭାବର ଥିଲି। ଏପରି କି ହାଇସ୍କୁଲ ଆରମ୍ଭରେ ମୋର ଏହି ଗୁଣ ମଧ୍ୟ ରହିଥିଲା। କିନ୍ତୁ ଧୀରେ ଧୀରେ ମୋର କେତେକ ସାଙ୍ଗମାନଙ୍କ ସହ ପାଠ ବିଷୟରେ ଆଲୋଚନା କରିବା ଦ୍ୱାରା ମନରୁ ଲାଜ ଦୂର ହେଲା। ଫ୍ରେଣ୍ଡଶିପ୍ ପରିସର ବଢ଼ିବା ଦ୍ୱାରା ଏବେ ମୋ ମନରେ ଆଉ ସେଭଳି ସ୍ୱଭାବ ନାହିଁ। ଲାଜକୁଳା ମନୋଭାବ ପାଇଁ ପିଲାଦିନେ ମୋର ଅଳ୍ପ ସାଙ୍ଗ ଥିଲେ। ମୋତେ ଯେମିତି ଏକୁଟିଆ ଏକୁଟିଆ ଲାଗୁଥିଲା। କିନ୍ତୁ ଏବେ ସବୁକିଛି ବଦଳି ଯାଇଛି ଆଉ ତାହା ସମ୍ଭବ ହୋଇଛି କେବଳ ବନ୍ଧୁତା ପାଇଁ।

**–ଆୟୁଷ ପଟ୍ଟନାୟକ,** କ୍ଲାସ–୯, ମଦର୍ସ ପବ୍ଲିକ ସ୍କୁଲ,ପୁରୀ

### କ୍ୟାରିୟର ନୂଆ ମୋଡ ନେଇଛି



ଆଗରୁ ପିଲାଙ୍କ ସହ ମିଶିବାକୁ ପସନ୍ଦ କରୁ ନ ଥିଲି। ପ୍ରାୟ ସମୟ ଏକା ରହୁଥିଲି। ଏହାଦ୍ୱାରା ମୋ ସହ ପିଲାମାନେ ମଧ୍ୟ କଥା ହେଉ ନ ଥିଲେ। କିନ୍ତୁ ସମୟକ୍ରମେ ପିଲାଙ୍କ ସହ ମିଶିଲି। ବିଶେଷଭାବରେ ଆମ କ୍ଲାସର କେତେଜଣ ମେଧାବୀ ପିଲାଙ୍କ ସହ ମିଶିବା ପରେ ଧୀରେ ଧୀରେ ମୋ ମନରୁ ଲାଜ ଦୂର ହୋଇଛି। ଏବେ ମୋ କ୍ୟାରିଅର ଏକ ନୂଆ ମୋଡ ନେଇଛି। କ୍ଲାସରେ କୌଣସି ପ୍ରଶ୍ନ କରିବାକୁ ମତେ ଲାଜ ଲାଗୁନାହିଁ କି ସାଙ୍ଗମାନଙ୍କ ସହ ମିଶିବାରେ ଅସୁବିଧା ହେଉ ନାହିଁ।

**–ପ୍ରିୟବ୍ରତ ସ୍ୱାଇଁ,** କ୍ଲାସ–୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମବିହାର, ଭୁବନେଶ୍ୱର

୧

**ଶୁଭମ୍ ମିଶ୍ର**
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡ଼ା

୨

**ହେମାଲୀ ପ୍ରିୟା**
କ୍ଲାସ-୨, ଗୋପବନ୍ଧୁ ହାଇସ୍କୁଲ, ରାଜସ, ବାଲିପାଟଣା, ଖୋର୍ଦ୍ଧା

୩

**ତନିଶା ପ୍ରିୟଦର୍ଶିନୀ**
କ୍ଲାସ-୩, ଡାଫୋଡିଲ୍ ଇଂଲିଶ ମିଡିୟମ୍ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା

୪

**ସିଦ୍ଧାର୍ଥ ତ୍ରିପାଠୀ**
କ୍ଲାସ-୪, ବିଜେବି ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

୫

**ଆଦିତ୍ୟାଂଶୁ ରାଉତରାୟ**
କ୍ଲାସ- ୨, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର

୬

**ସୁଦୀକ୍ଷା ମିଶ୍ର**
କ୍ଲାସ-୨, ମିଶନ ସ୍କୁଲ ଜଟଣୀ, ଖୋର୍ଦ୍ଧା

୭


**ଜିଗ୍ନେଶ କୁମାର ମହାନ୍ତି**
କ୍ଲାସ- ୨, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର

୮

**ଶୁଭ୍ରାଂଶୀ ପ୍ରଧାନ**
କ୍ଲାସ- ୩, ଡାଫୋଡିଲ୍ ଇଂଲିଶ ମିଡିୟମ୍ ସ୍କୁଲ, କେନ୍ଦ୍ରାପଡ଼ା

୯

**ପ୍ରତୀକ ସ୍ୱାଇଁ**
କ୍ଲାସ- ୫, ହାପି ଆୱାର୍ସ ସ୍କୁଲ, ଭୁବନେଶ୍ୱର



୧


୨


୩


୪


୫


୬


୭


୮


୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ସ୍ନୁକର ଗେମ୍‌ରେ ୨ ବର୍ଷର ବାଳକ

ପ୍ରତିଭା କେବେ ଲୁଚି ରହେନି। ଏହାର ଏକ ପ୍ରମାଣ ହେଉଛନ୍ତି ଇଂଲଣ୍ଡର ଜୁଡ ଓବେନ୍ସ। ସ୍ନୁକର ଗେମ୍‌ରେ ଅସାଧାରଣ କୌଶଳ ପ୍ରଦର୍ଶନ କରି ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଭିନ୍ନ କଥା ହେଉଛି କି ଜୁଡଙ୍କ ବୟସ ମାତ୍ର ୨ ବର୍ଷ। ଏତେ କମ୍ ବୟସରେ ସେ ପୁଣି ସ୍ନୁକର ଗେମ୍ ଖେଳି ପାରିଛନ୍ତି ଏକଥା ଅନେକଙ୍କୁ ଅବିଶ୍ୱସନୀୟ ମନେ ହୋଇପାରେ। ହେଲେ ଏହି ଗେମ୍‌ରେ ସେ ଦୁଇଟି ଅତି କଷ୍ଟକର ଟ୍ରିକ୍ ସଟ୍ ମାରିବାକୁ ସକ୍ଷମ ହୋଇଥିଲେ। ଗୋଟିଏ କ୍ୟୁ ବଲ୍ ଷ୍ଟ୍ରାଇକ୍ ସହିତ ଦୁଇଟି ଭିନ୍ନ ପକେଟ୍‌ରେ ଦୁଇଟି ବଲ୍ ପକାଇ ପାରିଥିଲେ। ଏଭଳି ଭିନ୍ନ ଧରଣର ଟ୍ରିକ୍ ପାଇଁ ତାଙ୍କୁ ଏହି ସଫଳତା ମିଳିଛି। ଖେଳପ୍ରତି ତାଙ୍କର ସ୍ୱତନ୍ତ୍ର ଆକର୍ଷଣ ଥିବା ଘରଲୋକେ ପିଲାବେଳରୁ ହିଁ ଜାଣି ପାରିଥିଲେ। କିନ୍ତୁ ଏତେ କମ୍ ବୟସର ହୋଇଥିବାରୁ ସ୍ନୁକର ଟେବୁଲକୁ ତାଙ୍କ ହାତ ପାଏ ନାହିଁ। ତେଣୁ ତାଙ୍କ ପାଇଁ ଏକ ଷ୍ଟୁଲ୍ ପକାଇ ଖେଳିବାର ବ୍ୟବସ୍ଥା କରାଯାଇଥାଏ। ୨୦୨୫ରେ ସେ ଏହି ସଫଳତା ହାସଲ କରି ଦୁଇଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି।

## ଏଥର ର

- ଷ୍ଟାନ୍‌ଲି କପ୍ କେଉଁ ଖେଳ ସହ ସମ୍ପୃକ୍ତ ?
- କୃଷ୍ଣ ପାରିଜାତ କେଉଁ ରାଜ୍ୟର ଏକ ପ୍ରକାରର ଲୋକନୃତ୍ୟ ?
- 'ସମୁଦ୍ର ଶକ୍ତି' ନୌସେନାର ଏକ ସମରାଭ୍ୟାସ। ଏହା କେଉଁ ଦୁଇଟି ଦେଶ ମଧ୍ୟରେ କରାଯାଇଥାଏ ?
- ଭାରତୀୟ ପ୍ରାଣୀ କଲ୍ୟାଣ ବୋର୍ଡର ମୁଖ୍ୟାଳୟ କେଉଁଠାରେ ଅବସ୍ଥିତ ?
- ସୁନାର ରାସାୟନିକ ପ୍ରତୀକ ?

## ଗତଥର ର ଉତ୍ତର

- ଭାରତୀୟ ଅର୍ଥନୀତିଜ୍ଞ ଓ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଗଭର୍ନର୍
- ରବୀନ୍ଦ୍ରନାଥ ଟାଗୋର
- ଧରମପାଲ୍ ଗୁଲାଟୀ
- ଷ୍ଟିଭ୍ ଚେନ, ଜାୱେଦ୍ କରିମ୍ ଓ ଚାଦ୍ ହର୍ଲି
- ରାଜସ୍ଥାନ ରୟାଲ୍ସ

## କବିତା




### ଜୟ ବାବା ପଶୁପତି

ଜୟ ବାବା ପଶୁପତି ଜୟ ଅଗତିର ଗତି
ହେ ସତ୍ୟ ଶିବ ସୁନ୍ଦର ଘେନ ପ୍ରଣତି,
ଅଛି ଆଉ କିଏ ତୁମ ପରିକା ହେ ସାଇଁ
ଜଗତ ହିତରେ ସଦା ତୁମର ମତି,
ଦୁଃଖହାରୀ ହେ ଭୋଳାନାଥ
ତୁମବିନା ଏ ସଂସାରେ ଆମେ ଅନାଥ।
ତେଜି ବସନ ଭୂଷଣ ଭୁଜଙ୍ଗ କଲ ଧାରଣ
ସାଗରରୁ ଜାତ ବିଷ କରିଲ ପାନ,
ନାଁ ହେଲା ନୀଳକଣ୍ଠ ଜଗତବାସୀଙ୍କ ଇଷ୍ଟ
ତଇଳ ନ ଲେପି ଦେହେ ଭସ୍ମ ଲେପନ,
ଅପାର ମହିମା ତୁମର
ଏ ମହିମଣ୍ଡଳେ ନାହିଁ ତା'ପଟାନ୍ତର।
ହୋଇବାରୁ ପ୍ରଭୁ ଊଣା ତୁମରି କରୁଣା
ଅଶାନ୍ତ ଅନଳେ ଆଜି ଜଳେ ଦୁନିଆ
ତୁମେ ଏକା ଆମ ଆଶା ତୁମେ ହିଁ ଭରସା
କୃପା ଜଳେ ଦିଅ ବାରେ ଲିଭେଇ ନିଆଁ
ଶାନ୍ତି ଆଜି ସାତ ସପନ
ତୁମ ସୁଦୟାରୁ ହସୁ ବିଶ୍ୱ ଭୁବନ।

– ରାଜ କିଶୋର ସ୍ୱାଇଁ
ମୋ: ୯୪୩୭୪୪୨୦୪୧

### ପବିତ୍ର ଜାଗର

ପରବରେ ସାର ପବିତ୍ର ଜାଗର
ଆସିଛି ପୁଣ୍ୟ ଫଗୁଣେ
ବ୍ରତ ଉପାସନା ପାଳିବେ ସରବେ
ଶିବଙ୍କୁ ସୁମରି ଧ୍ୟାନେ।
ଗଙ୍ଗା ଯାହାଙ୍କର ଜଟାରୁ ବହଇ
ଡମ୍ବରୁ ହାତରେ ଶୋହେ
ତାଙ୍କୁ ପୂଜା କଲେ ବିପଦ ଆପଦ
ପରାଣୁ ଦୂରେଇ ଯାଏ।
ଆସ ସର୍ବେ ମିଳି ପ୍ରାତଃ ସ୍ନାନ ସାରି
ପାଖ ଶିବାଳୟ ଯିବା
ପୁଷ୍ପ ବେଲପତ୍ର ଗଇସ ଦୁଦୁରା
ପ୍ରଭୁଙ୍କୁ ସମର୍ପି ଦେବା।
ମନ୍ଦିର ବେଢ଼ାରେ ପ୍ରଦୀପ ଜାଳିବା
ରାତି ଉଜାଗର ରହି
ମହାଦୀପ ଉଠା ଦର୍ଶନ କରିବା
ଓଁ ନମଃ ଶିବାୟ ଗାଇ।
ଆମେ ଶିଶୁ ବୋଲି ଏଡ଼ାଇ ଦେବେନି
ଶୁଣିବେ ଆମ ଗୁହାରି
ଜ୍ଞାନ ଓ ବିବେକ ଭରିଦେବେ ପ୍ରାଣେ
ଅଜ୍ଞାନତା ହେବ ଦୂର।

– ସ୍ୱୟଂପ୍ରଭା ବେହେରା
ମୋ: ୭୩୫୫୬୩୪୩୪୬

### ମହାଶିବରାତ୍ରି

ମହାଶିବରାତ୍ରି ଜାଗର କାଲି,
ବ୍ରତଧାରୀ ଯିବେ ମନ୍ଦିର ବୁଲି।
ହାତେ ଧରିଥିବେ କେତକୀଫୁଲ,
ଏହି ଦିନେ ପ୍ରଭୁ ପାଆନ୍ତି ଭଲ।
ଶିବମହିମାର ଗୀତ ଶୁଭିବ
ଜନ୍ମ ଜନମର ପାପ ହଟିବ।
ବରଷକେ ଏହି ଦିନଟି ଆସେ,
ମହାଦେବବେଢା ସୁନ୍ଦର ଦିଶେ।
ରାତି ଉଜାଗରେ ଦୀପ ଜାଳିବା,
ମନମଉଜରେ ମେଳାବୁଲିବା।
ତ୍ରିତାପ ହରିବେ ପ୍ରଭୁ ଶଙ୍କର,
ସଭିଏଁ ପୂଜିବେ ଶିବ ପୟର।
ବେଢା ପରିବେଶ ସଫା ରଖିବା,
ତେବେ ସିନା ପୂଜା ଫଳ ପାଇବା।

– ଜୟଦେବ ବେହେରା
ମୋ: ୯୫୫୬୭୨୩୦୭୩

### ଆହେ ପ୍ରଭୁ ଶିବ ଶମ୍ଭୁ



ଆହେ ପ୍ରଭୁ ଶିବ ଶମ୍ଭୁ ଭୋଳା ମହେଶ୍ୱର
ନାହିଁ କିମ୍ପା ଅନୁକମ୍ପା ମୋହରି ଉପର।
ମହାଜ୍ଞାନୀ ମହାଦାନୀ ବୋଲାଅ ଜଗତେ
ଦେଲ ନାହିଁ ମୋତେ କାହିଁ ଦାନ ତୁମ ହସ୍ତେ।
ଦିନେ ନୁହେଁ ମାସେ ନୁହେଁ ଏ ସାରା ଜୀବନ
କନ୍ଦେଇଲ ଭିଜେଇଲ ମୋ ଦୁଇ ନୟନ।
ଦୀପ ଜାଳେ ଜାଗରରେ କେ ରାତିକ ପାଇଁ
ମୁହିଁ ଜାଳେ ଉଜାଗରେ ସବୁ ରାତି ହୋଇ।
ଜାଗରରେ ମନ୍ଦିରରେ ଦେଲେ ଦୀପ ଜାଳି
ମିଳେ କିବା ବିଭୁ କୃପା ମନ ହୁଏ ଭାଳି ?
ଥିଲେ ଭକ୍ତି ମିଳେ ଶକ୍ତି ଜାଣେ ଏ ଅଧମ
ତବ ସ୍ତୁତି ଦିନ ରାତି କରୁଅଛି ଗାନ।
ଏକାନ୍ତରେ ଭକ୍ତିଭରେ କରେ ନିବେଦନ
ସଂସାରର ଅନ୍ଧକାର କର ବିନାଶନ।
ପ୍ରାରମ୍ଭରେ ଅନ୍ତିମରେ ମଶାଣିର ସାଥୀ
ମହାଯୋଗୀ ମହାତ୍ୟାଗୀ ଦିଅ ହେ ମୁକତି।

– ପ୍ରଶାନ୍ତ କୁମାର ସାହୁ
ମୋ: ୯୭୭୭୦୯୦୦୫୬

## କହିଲ ଦେଖି

ବୃଷଭ ଧ୍ୱଜଙ୍କ କେଉଁ ପୂଜା ଇଏ
ଜାଳିବା ଅଖଣ୍ଡ ଦୀପ,
ଫଗୁଣର କୃଷ୍ଣ ତ୍ରୟୋଦଶୀ ତିଥି
ପୂଜିଲେ ଘୁଞ୍ଚଇ ପାପ।
ମନ୍ଦିରକୁ ଆସ ଯିବା,
ଉଜାଗର ରହି ନିଷ୍ଠାରେ ପାଳିବା
ଫୁଲ ବେଲପତ୍ର ଦେବା।



**ଉତ୍ତର– ମହାଶିବରାତ୍ରି/ଜାଗର**

ଫୁଲଟି କାହାଳୀ ପରି
ଶିବଙ୍କର ପିୟ ଭାରି।
ଈଷତ ଗୋଲାପି,ଧଳା, ବାଇଗଣୀ
କହିଲୁ ଦେଖି ଲୋ ନୁରୀ,
ଯାଆ ତୁ ମନ୍ଦିର ଧରି,
ଦେଖି ମନ ଯାଏ ପୂରି।



**ଉତ୍ତର– ଦୁଦୁରା**

ମୁଣ୍ଡେ ଜଟାଜୁଟ ଚନ୍ଦ୍ର ଶୋଭିତ
ଗଙ୍ଗା ମାତା ହୋଇଥାନ୍ତି ପ୍ଲାବିତ।
କିଏ ଦେବତାଙ୍କ ଦେବ,
ପୁତ୍ର ଅଗ୍ରପୂଜ୍ୟ,ଦେବ ସେନାପତି
ପୂଜା କଲେ ଆଶୁ ଆଶିଷ ଦିଅନ୍ତି
ତାହାଙ୍କ ଚରଣ ସେବ।



**ଉତ୍ତର– ମହାଦେବ/ଶିବ**

ମାଟି ପିତ୍ତଳ ବା ଚୀନା ମାଟିରେ
ଏଇଟି ତିଆରି ହୁଏ,
ପ୍ରତି ଦେବ ଦେବୀ ଆରାଧନା କାଳେ
ଶ୍ରଦ୍ଧାଳୁ ମନ୍ଦିର ନିଏ।
ତିନୋଟି ଏହାର ସାଥୀ
ନ ହେଲେ ଅଲୋଡ଼ା ଅତି
କୁହ ଖେଳେଇକି ମତି।



**ଉତ୍ତର– ଦୀପ**

– କବିଜ୍ୟୋତି ନିରଞ୍ଜନ ପତି
ବାଇଁଶିଆ, ମହିମା ଗାଦି, ଢେଙ୍କାନାଳ
ମୋ: ୯୯୩୮ ୧୩୩୫୫୯

# ଇଣ୍ଟରନେଟ ବ୍ୟବହୃତ ହେଉ ନ ଥିବା ଦେଶ




**ଏବେ** ଇଣ୍ଟରନେଟ୍ ଯୁଗ । ଅନେକ କାମରେ ଏହାର ଉପଯୋଗ କରାଯାଉଛି । ବିଶେଷଭାବରେ ପାଠ ପଢ଼ା ହେଉ କି ଚାକିରି ପାଇଁ ପ୍ରସ୍ତୁତି, ମନୋରଞ୍ଜନ ସବୁ କ୍ଷେତ୍ରରେ ବେଶ୍ ସହାୟକ ହୋଇଛି । ଏବେ ଆସି ଆମେ 5G ଯୁଗରେ ପହଞ୍ଚିଲେଣି । କିନ୍ତୁ ଆଜିବି ଏମିତି ଏକ ଦେଶ ରହିଛି ଯେଉଁଠାରେ ଇଣ୍ଟରନେଟ୍‌ର ବ୍ୟବହାର ଆଦୌ ହୁଏନି । ସେହି ଦେଶଟି ହେଉଛି ଇରିଟ୍ରିୟା । ଇଣ୍ଟରନେଟ୍ ବ୍ୟବହାର ନ ହେଉଥିବାର କାରଣ ହେଉଛି ଯେ ଏହା ଏପରି ଏକ ଦେଶ ଯେଉଁଠି ସାଧାରଣ ଜନତାଙ୍କ ପାଇଁ 3G, 4G ଏବଂ 5G ଭଳି ମୋବାଇଲ୍ ଡାଟା ସେବା ଏଯାଏଁ ଉପଲବ୍ଧ ହୋଇନାହିଁ । ଏଠାରେ ମୋବାଇଲ୍ ଫୋନ୍ କେବଳ ଭଏସ୍ କଲ କିମ୍ବା ଏସ୍‌ଏମ୍‌ଏସ୍ ପର୍ଯ୍ୟନ୍ତ ସୀମିତ ରହିଛି । ଉକ୍ତ ଦେଶରେ ଇଣ୍ଟରନେଟ୍ ଆକ୍ସେସ୍ କିଛି ସରକାରୀ ମଞ୍ଜୁରୀ ପ୍ରାପ୍ତ ସାଇବର କାଫେରେ ସୀମିତ ରହିଛି । ଏହି ସବୁ ସାଇବର କାଫେ କେବଳ ଏଠାକାର ରାଜଧାନୀରେ ରହିଥିବା ବେଳେ ଏହାର ଇଣ୍ଟରନେଟ୍ ସ୍ପିଡ ମଧ୍ୟ ବହୁତ ସ୍ଲୋ । ଖାଲି ଏତିକି ନୁହେଁ ଏସବୁ କାଫେରେ ପ୍ରତି ଘଣ୍ଟାକୁ ଇଣ୍ଟରନେଟ୍ ବ୍ୟବହାର ଲାଗି ୧୦୦ଟଙ୍କା ଦେବାକୁ ପଡିଥାଏ । ଏଠାକାର ସରକାର ଟେଲିକମ୍ୟୁନିକେସନ୍ ଉପରେ ନିଜର ନିୟନ୍ତ୍ରଣ ରଖିଛନ୍ତି । ଯେଉଁମାନେ ଇଣ୍ଟରନେଟ୍ କାଫେ ବ୍ୟବହାର କରିବେ ସେଠାରେ ନିଜର ପ୍ରମାଣ ପତ୍ର ଦେଖାଇବାକୁ ପଡିଥାଏ । ଏଥିସହ ଏଠାରେ ଅନ୍‌ଲାଇନ୍ ଆକ୍ଟିଭିଟି ଉପରେ ସରକାରଙ୍କର ନଜର ରଖାଯାଏ । ଏହା ବ୍ୟତୀତ କେତେକଙ୍କ ଘରେ ଇଣ୍ଟରନ୍ୟାଶନାଲ ନ୍ୟୁଜ୍ ଦେଖିବା ଲାଗି ଏଠାକାର ଜନସାଧାରଣ ସାଟେଲାଇଟ୍ ଉପରେ ନିର୍ଭରଶୀଳ ।

# ପାଞ୍ଚଟି ଅଜବ ପ୍ରାଣୀ

ବିଶ୍ୱରେ ଅନେକ ପ୍ରକାର ଜୀବଜନ୍ତୁ ଦେଖିବାକୁ ମିଳିଥାନ୍ତି । ସେ ମଧ୍ୟରେ ହିମାଳୟ ସହ ଅନେକ ପାହାଡିଆ ଅଞ୍ଚଳରେ ଦେଖାଯାଉଥିବା କେତେକ ପଶୁପକ୍ଷୀଙ୍କ ବିଷୟରେ ସୂଚନା ଦିଆଯାଉଛି, ଯାହାଙ୍କ ବିଷୟରେ ହୁଏତ ତୁମେମାନେ ଜାଣିନଥିବ କି ଶୁଣି ନଥିବ । ସେଭଳି ପାଞ୍ଚଟି ପ୍ରାଣୀଙ୍କ ବିଷୟରେ ସୂଚନା...



## ସ୍ନୋ ଲିଓପାର୍ଡ

ସ୍ନୋ ଲିଓପାର୍ଡକୁ 'ପାହାଡର ଭୂତ' ବୋଲି କୁହାଯାଏ । କାହିଁକି ନା ଏହା ସବୁଠାରୁ ବଳଶାଳୀ ଶିକାରୀ ଜୀବ । ମୋଟା ଚମଡା, ବଡ ପଞ୍ଜା ଏବଂ ଲମ୍ବା ଲାଞ୍ଜ ଯୋଗୁଁ ଏମାନେ ବରଫ ଅଞ୍ଚଳରେ ତିଷ୍ଠି ରହିଥାଆନ୍ତି । ସ୍ନୋ ଲିଓପାର୍ଡ ଲଦାଖ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡର ଉଚ୍ଚତମ ପାହାଡରେ ଦେଖିବାକୁ ମିଳିଥାନ୍ତି । ଏମାନେ ଏକୁଟିଆ ରହିବାକୁ ଅଧିକ ପସନ୍ଦ କରନ୍ତି ।

## ହିମାଳୟନ ତାହାର

ତାହାର ଏକ ମଜଭୁତ ପାହାଡୀ ପ୍ରାଣୀ । ଯିଏକି ପାହାଡିଆ ଉଠାଣି ଗଡାଣି ରାସ୍ତାରେ ଖୁବ୍ ସହଜରେ ଚାଲିପାରନ୍ତି । ଶରୀରରେ ଘନ କେଶ ଏମାନଙ୍କର ବିଶେଷ ପରିଚୟ । ଏମାନେ ସାଧାରଣତଃ ଛେଳି ସଦୃଶ । ଏମାନେ ଉତ୍ତରାଖଣ୍ଡ ଏବଂ ହିମାଚଳପ୍ରଦେଶର ଉଚ୍ଚତମ ପାହାଡରେ ଥିବା ଘାସ ପଡିଆରେ ଦେଖାଯାଇଥାନ୍ତି । ଏମାନେ ସାଧାରଣତଃ ଦଳବଦ୍ଧ ହୋଇ ରହିବାକୁ ପସନ୍ଦ କରିଥାନ୍ତି ।





## ମୋନାଲ

ହିମାଳୟନ ମୋନାଲ ଉତ୍ତରାଖଣ୍ଡ ରାଜ୍ୟର ପକ୍ଷୀ ଭାବରେ ବେଶ୍ ପରିଚିତ । ଏହା ସୁନ୍ଦର ପକ୍ଷୀ ମଧ୍ୟରୁ ଗୋଟିଏ । ଏମାନଙ୍କ ଡେଣାରେ ସବୁଜ, ନୀଳ, ତମ୍ବା ଏବଂ ସୁନା ପରି ଚମକ ଦେଖିବାକୁ ମିଳିଥାଏ । ଯାହା ପାହାଡ ଜଙ୍ଗଲରେ ବହୁତ ଆକର୍ଷକ ଦେଖାଯାଇଥାନ୍ତି । ଏହି ପକ୍ଷୀ ୨୪୦୦ରୁ ୪୫୦୦ମିଟର ଉଚ୍ଚ ପର୍ଯ୍ୟନ୍ତ ଥିବା ଓକ୍, ଦେବଦାରୁ ଏବଂ ରୋଡୋଡେଣ୍ଡ୍ରନ୍‌ର ବୃକ୍ଷରେ ରହିବାକୁ ଅଧିକ ପସନ୍ଦ କରନ୍ତି ।

## ରେଡପାଣ୍ଡା



ରେଡପାଣ୍ଡା ଗୁଡିକ ଦେଖିବାକୁ ଛୋଟ ହୋଇଥାନ୍ତି । ଏମାନେ ଗଛରେ ରହୁଥିବା ସ୍ତନ୍ୟପାୟୀ ପ୍ରାଣୀ । ଖାସ୍‌କରି ସିକ୍କିମ୍ ଏବଂ ଅରୁଣାଚଳ ପ୍ରଦେଶର ଥଣ୍ଡା ବାଉଁଶ ଜଙ୍ଗଲରେ ଏମାନଙ୍କୁ ଦେଖିବାକୁ ମିଳିଥାଏ । ଲାଲ ଏବଂ ବାଦାମୀ ରଙ୍ଗର ଲୋମ ଏବଂ ଲାଞ୍ଜରେ ଥିବା ବହଳିଆ ଲୋମ ଏହାକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ଅନ୍ୟପକ୍ଷରେ ରେଡ୍ ପାଣ୍ଡା ଲାଜକୁଳା ହୋଇଥିବା ବେଳେ ରାତିରେ ଅଧିକ ସକ୍ରିୟ ରୁହନ୍ତି ।

## ହିମାଳୟନ ମସ୍କ ଡିୟର

ହିମାଳୟନ ମସ୍କ ଡିୟର ସାଧାରଣତଃ କମ୍ ଦେଖାଯାଉଥିବା ପ୍ରାଣୀ । ଏମାନେ ଘଞ୍ଚ ଜଙ୍ଗଲ ଏବଂ ବୁଦାରେ ରହିବାକୁ ପସନ୍ଦ କରନ୍ତି । ଅନ୍ୟପକ୍ଷରେ ଅଣ୍ଡିରା ମସ୍କ ଡିୟରର ନାଭିରୁ ସଂଗୃହିତ କସ୍ତୁରୀ ଏହାକୁ ଅଧିକ ଖାସ୍ କରିଥାଏ । ଯାହାର ବ୍ୟବହାର ଅଧିକ ସମୟ ପର୍ଯ୍ୟନ୍ତ ଇତର ପ୍ରସ୍ତୁତ କରିବା ପାଇଁ ହୋଇଥାଏ । ଏମାନଙ୍କ ଠାରେ ସିଙ୍ଗ ନଥିବା ବେଳେ ଦାନ୍ତଗୁଡିକ ବହୁତ ତୀକ୍ଷ୍ଣ ।



# ଆଇନା




ସାଇ ସାତ୍ତ୍ୱିକ ପାଲ
୪ ବର୍ଷ/ କଟକ




ବିଭୁକଲ୍ୟାଣ ମହାରଣା
୧୧ ବର୍ଷ/ ବାଲେଶ୍ୱର